# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 February - 2025

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ଦେଶ ମହିଳାଙ୍କ ନେତୃତ୍ୱରେ ବିକାଶ ଆଡ଼କୁ ଅଗ୍ରସର ହେଉଛି; କହିଲେ ରାଷ୍ଟ୍ରପତି

- ଦେବ ଦେବ ମହାଦେବଙ୍କ ମହାଶିବରାତ୍ରୀ ଉପଲକ୍ଷେ ରାଜ୍ୟର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ

– ଭଦ୍ରକ ବାବା ଆଖଣ୍ଡଳମଣିଙ୍କ ପୀଠର ଉନ୍ନତିକରଣ ପାଇଁ ଅନୁଦାନ ଘୋଷଣା କଲେ ରାଜ୍ୟ ସରକାର

- ଆଜି ଉଦ୍‌ଯାପିତ ହେଉଛି ପ୍ରୟାଗରାଜର ମହାକୁମ୍ଭ ମେଳା

ଏବଂ

- ରାଜ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ରର ସୂଚନା

***Desk***

# ରାଷ୍ଟ୍ରପତି- ମହିଳାଙ୍କ ବିକାଶ

ଦେଶ ବର୍ତ୍ତମାନ ମହିଳାଙ୍କ ବିକାଶଠାରୁ ମହିଳାଙ୍କ ନେତୃତ୍ୱରେ ବିକାଶ ଆଡ଼କୁ ଅଗ୍ରସର ହେଉଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ମଧ୍ୟପ୍ରଦେଶରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ଏହି ସମୟରେ ଦେଶର ମହିଳାଙ୍କ ଉନ୍ନତି ପାଇଁ ତଥା ସେମାନଙ୍କୁ ସକ୍ଷମ କରିବା ପାଇଁ ସମସ୍ତଙ୍କ ଯୋଗଦାନର ଆବଶ୍ୟକତା ରହିଛି।

**- V/O -**

ରାଷ୍ଟ୍ରପତି କହିଛନ୍ତି, ଭାରତୀୟ ପରମ୍ପରାରେ ସାଧୁସନ୍ଥମାନେ ନିଜ କର୍ମ ଓ ବାଣୀ ମାଧ୍ୟମରେ ଜନମାନସକୁ ନୂତନ ରାସ୍ତା ଦେଖାଇଛନ୍ତି। ସେମାନେ ସମାଜରେ ଅନ୍ଧବିଶ୍ୱାସ ବିରୁଦ୍ଧରେ ନିଜର ସ୍ୱର ସୁଦୃଢ଼ କରିବା ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିଛନ୍ତି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି।

***BBSR/R***

# ମହାଶିବରାତ୍ରୀ

ରାଜ୍ୟର ବିଭିନ୍ନ ଶୈବପୀଠରେ ଆଜି ସକାଳୁ ଦେବଦେବ ମହାଦେବଙ୍କ ମହାଶିବରାତ୍ରୀ ଉପଲକ୍ଷେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଫାଲଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହାଶିବରାତ୍ରୀ ପାଳନ କରାଯାଏ ଏବଂ ଭକ୍ତମାନଙ୍କ ପାଇଁ ଏହାର ଅତ୍ୟନ୍ତ ମହତ୍ତ୍ୱ ରହିଛି । ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, କଟକର ଧବଳେଶ୍ୱର , ଭଦ୍ରକର ଅଖଣ୍ଡଳମଣି , ଢେଙ୍କାନାଳର କପିଳାଶ, ନୟାଗଡ଼ର ଲଡ୍ଡୁ ବାବା ଓ ପୁରୀର ଲୋକନାଥ ମନ୍ଦିର ସମେତ ରାଜ୍ୟର ପ୍ରମୁଖ ଶିବ ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ପ୍ରବଳ ଭିଡ଼କୁ ନିୟନ୍ତ୍ରଣ କରିବା ଏବଂ ଶ୍ରଦ୍ଧାଳୁଙ୍କ ସୁରୁଖୁରୁରେ ଦର୍ଶନ ପାଇଁ ଏହି ମନ୍ଦିରଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିରରେ ରାତି ୧୦ଟାରେ ମହାଦୀପ ଉଠିବ ବୋଲି ମନ୍ଦିର ନିଯୋଗ ପକ୍ଷରୁ ସୂଚନା ଦିଆଯାଇଛି । ଶୈବପୀଠଗୁଡ଼ିକରେ ମଧ୍ୟରାତ୍ରି ପରଠାରୁ ସ୍ୱତନ୍ତ୍ର ନୀତିକାନ୍ତି ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଶ୍ରୀଲୋକନାଥ ମନ୍ଦିରରେ ଭୋର୍ ୩ଟା, ଭଦ୍ରକର ବାବା ଆଖଣ୍ଡଳମଣି ମନ୍ଦିରରେ ଭୋର୍ ସାଢ଼େ ୪ଟା, କଟକ ଧବଳେଶ୍ୱର ମନ୍ଦିରରେ ରାତି ୧୦ଟା, ଢେଙ୍କାନାଳ କପିଳାସ ମନ୍ଦିରରେ ଭୋର୍ ୪ଟା ୨୦ରେ ମହାଦୀପ ଉଠିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

ମହାଶିବରାତ୍ରୀ ପାଇଁ କଟକ ସହରର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ଗଡ଼ଗଡ଼େଶ୍ୱର, ଅମରେଶ୍ୱର, ନୀଳକଣ୍ଠେଶ୍ୱର ଏବଂ ପାରେଶ୍ୱର ମନ୍ଦିର ସମେତ ଅନ୍ୟ ପୀଠଗୁଡ଼ିକରେ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାମାଜିକ ଗଣମାଧ୍ୟମରେ ଦେଶବାସୀଙ୍କୁ ମହାଶିବରାତ୍ରୀର ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପବିତ୍ର ଶିବରାତ୍ରୀ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି, ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାଶିବରାତ୍ରୀ ଅବସରରେ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି।

*BHK*

## ଉପମୁଖ୍ୟମନ୍ତ୍ରୀ– ଆଖଣ୍ଡଳମଣିଙ୍କ ଦର୍ଶନ

ଭଦ୍ରକସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠର ଉନ୍ନତିକରଣ ପାଇଁ ରାଜ୍ୟ ସରକାର ୧୦ କୋଟି ଟଙ୍କା ଘୋଷଣା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ସକାଳେ ଆଖମଣ୍ଡଳମଣିଙ୍କ ଦର୍ଶନ କରିବା ଅବସରରେ ଏହି ଘୋଷଣା କରିଛନ୍ତି। ପରିକ୍ରମା ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ ରୂପ ଓ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଅର୍ଥରାଶି ବିନିଯୋଗ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି।

**- V/O -**

ପବିତ୍ର ଜାଗର ଅବସରରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଧ୍ୟ ଆଖଣ୍ଡଲମଣିଙ୍କ ଦର୍ଶନ କରିଛନ୍ତି ।

*GNR*

## କୁମ୍ଭମେଳା

ଉତ୍ତରପ୍ରଦେଶର ପ୍ରୟାଗରାଜ ମହାକୁମ୍ଭମେଳା ଆଜି ଉଦ୍‌ଯାପିତ ହେଉଛି । ମହାଶିବରାତ୍ରି ପାଳନ ଅବସରରେ ଆଜି ଅନ୍ତିମ ଅମୃତ ସ୍ନାନ ଅନୁଷ୍ଠିତ ହେଉଛି । ଗତମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭମେଳାରେ ଗତକାଲି ସୁଦ୍ଧା ୬୪ କୋଟି ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି । ୧ କୋଟି ୨୪ ଲକ୍ଷ ଶ୍ରଦ୍ଧାଳୁ ଗତକାଲି ଗୋଟିଏ ଦିନରେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଥିଲେ ।

*Desk*

## ପ୍ରସାରଭାରତୀ–ଚେୟାରମ୍ୟାନ୍

ପ୍ରସାର ଭାରତୀ ଅଧ୍ୟକ୍ଷ ନବନୀତ ସେହଗଲ କହିଛନ୍ତି, ଦେଶର ସଂସ୍କୃତିର ପ୍ରସାରରେ ଲୋକସେବା ପ୍ରସାରଣକାରୀ ଆକାଶବାଣୀର ପ୍ରମୁଖ ଭୂମିକା ରହିଛି । ମହାକୁମ୍ଭର ଅନ୍ତିମ ଦିନରେ ଏକ ବାର୍ତ୍ତା ଦେଇ ଶ୍ରୀ ସେହଗଲ କହିଛନ୍ତି, ୪୮ ଦିନ ଧରି ଚାଲିଥିବା ମହାକୁମ୍ଭରେ ଆକାଶବାଣୀର **କୁମ୍ଭବାଣୀ** ଚ୍ୟାନେଲ୍ ଅନେକ ଶ୍ରୋତାଙ୍କ ପାଖରେ

ପହଞ୍ଚିପାରିଛି । ପ୍ରୟାଗରାଜରେ ହେଉଥିବା ମହାକୁମ୍ଭର ପ୍ରତ୍ୟେକଟି ଖବର ଶ୍ରଦ୍ଧାଳୁଙ୍କ ପାଖରେ କୁମ୍ଭବାଣୀ ମାଧ୍ୟମରେ ପହଞ୍ଚିଛି । ମହାକୁମ୍ଭ ବିବିଧତା ମଧ୍ୟରେ ଏକତା ଆଣିବାରେ ସହାୟକ ହୋଇଥିବା ବେଳେ **କୁମ୍ଭବାଣୀ** ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ପ୍ରୟାଗରାଜକୁ ଆସୁଥିବା ତୀର୍ଥଯାତ୍ରୀ, ବିଭିନ୍ନ ଆଖଡ଼ାର ସାଧୁ ସନ୍ନ୍ୟାସୀଙ୍କୁ ଯୋଡ଼ିବାରେ ପ୍ରମୁଖ ଭୂମିକା ନିର୍ବାହ କରିଛି ବୋଲି ଶ୍ରୀ ସେହଗଲ କହିଛନ୍ତି ।

***Desk***

## ସି.ବି.ଏସ୍.ଇ. - ମାଟ୍ରିକ୍ ପରୀକ୍ଷା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଦଶମଶ୍ରେଣୀ ବୋର୍ଡ଼ ପରୀକ୍ଷା ଏଣିକି ବର୍ଷକୁ ୨ ଥର କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ୨୦୨୬ ଶିକ୍ଷାବର୍ଷରୁ ଏହାକୁ କାର୍ଯ୍ୟକାରୀ କରାଯିବ । ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ଏବଂ ମାର୍ଚ୍ଚ ମଧ୍ୟରେ ଓ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ମଇ ମାସରେ କରାଯିବାକୁ ସ୍ଥିର ହୋଇଛି ।

***Desk***

## ଡାକ୍ତର ନିଯୁକ୍ତି

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ରାଜ୍ୟ ସରକାର ୨୪ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦେଇଛନ୍ତି । ସେମାନଙ୍କୁ

ଡାକ୍ତରଖାନାର ବିଭିନ୍ନ ବିଭାଗରେ ସହକାରୀ ପ୍ରଫେସର ଭାବେ ଡେପୁଟେସନ୍ ଓ ଚୁକ୍ତିଭିତ୍ତିରେ  ନିଯୁକ୍ତି ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ତିନିଜଣ ନିଶ୍ଚେତକ ଡାକ୍ତର, ଶିଶୁରୋଗ ବିଭାଗରେ ୭ ଜଣ, ମାନସିକ ରୋଗ ବିଭାଗରେ ୨ ଜଣ, ଚକ୍ଷୁ ବିଭାଗରେ ୩ ଜଣ, ଭେଷଜ, ଅସ୍ଥିଶୈଲ୍ୟ, ସ୍ନାୟୁ, ରେଡିଓଲୋଜି ଆଦି ବିଭାଗରେ ଜଣେ ଲେଖାଏଁ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଚଳିତ ମାସ ୬ ତାରିଖରେ ସାକ୍ଷାତକାର ପାଇଁ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷ କାର୍ଯ୍ୟାଳୟରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

***CTC***

## ୱେଭ୍‌ସ୍ (WAVES)

ଭାରତ ବର୍ତ୍ତମାନ ମିଡିଓ ଓ ମନୋରଞ୍ଜନ କ୍ଷେତ୍ରର ବିକାଶ ପାଇଁ କ୍ରିଏଟ୍ ଇନ୍ ଇଣ୍ଡିଆ ଆଡ଼କୁ ଅଗ୍ରସର ହେଉଛି।  ଆସନ୍ତା ୧ ମଇରୁ ୪ ମଇ ପର୍ଯ୍ୟନ୍ତ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ Audio visual ଏବଂ ମନୋରଞ୍ଜନ ସମ୍ମିଳନୀ (WAVES) ଏ ଦିଗରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି। WAVES ମାଧ୍ୟମରେ ସିନେମା, ଟେଲିଭିଜନ, ଓଟିଟି, ଗେମିଂ, ସଙ୍ଗୀତ, ଆନିମେସନ, କୃତ୍ରିମ ବୁଦ୍ଧିମତା ଆଦି ବିଷୟରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି।

*Desk*

# ଏଫ୍.ଆଇ.ଏଚ୍. ପ୍ରୋ ଲିଗ୍

ଏଫ୍.ଆଇ.ଏଚ୍. ହକି ପ୍ରୋ ଲିଗ୍ ପ୍ରତିଯୋଗିତାର ମହିଳା ବର୍ଗରେ ଗତକାଲି ଭାରତ ଚମ୍ପିଆନ ହୋଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ନେଦରଲାଣ୍ଡକୁ ପେନାଲ୍‌ଟି ସୁଟ୍‌ଆଉଟ୍ ଜରିଆରେ ୨-୧ ଗୋଲ୍‌ରେ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ପରସ୍ପରକୁ ୨ଟି ଲେଖାଏଁ ଗୋଲ୍ ଦେଇଥିଲେ । ପରେ ପେନାଲ୍ଟି ସୁଟଆଉଟ୍‌ରେ ଭାରତର ଅଭିଜ୍ଞ ଗୋଲ୍ ରକ୍ଷକ ସବିତା ଚମତ୍କାର ଗୋଲ୍ ରକ୍ଷଣ କରି ନେଦରଲାଣ୍ଡକୁ ପାଞ୍ଚୋଟି ପ୍ରୟାସରୁ ଚାରୋଟିରେ ଅଟକାଇବାରେ ସଫଳ ହୋଇଥିଲେ। ଭାରତ ଚାରୋଟି ପ୍ରୟାସରୁ ଦୁଇଟି ଗୋଲ୍ ସ୍କୋର କରି ବିଜୟୀ ହୋଇଥିଲା। ଏହି ସଫଳତା ପାଇଁ ଭାରତୀୟ ମହିଳା ହକି ଦଳ ଲାଗି ହକି ଇଣ୍ଡିଆ ପକ୍ଷରୁ ଆର୍ଥିକ ପୁରସ୍କାର ଘୋଷଣା କରାଯାଇଛି।

ଅନ୍ୟପକ୍ଷରେ ପୁରୁଷ ବର୍ଗରେ ଭାରତ' ଇଂଲଣ୍ଡକୁ ୨-୧ ଗୋଲ୍‌ରେ ପରାସ୍ତ କରି ତୃତୀୟ ସ୍ଥାନରେ ରହିଥିଲା। ଏଥିସହ କଳିଙ୍ଗ ଷ୍ଟାଡିୟମ୍‌ଠାରେ ପ୍ରତିଯୋଗିତାର ଏହି ପର୍ଯ୍ୟାୟରେ ଉଭୟ ବର୍ଗର ମ୍ୟାଚ୍ ଶେଷ ହୋଇଛି ।

*Desk*

## ଆଥେଲେଟିକ୍ସ ଚାମ୍ପିଅନସିପ୍ ଉଦ୍‌ଯାପିତ

କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ଅନୁଷ୍ଠିତ ୩୭ତମ ରାଜ୍ୟସ୍ତରୀୟ ପୁଲିସ ଆଥଲେଟିକ୍ସ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଯୋଗଦେଇ ଶ୍ରେଷ୍ଠ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ୪୧ଟି ପୁଲିସ ଦଳ ଅଂଶଗ୍ରହଣ କରିଥିଲେ।

*Desk*

## ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ

ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା ପୋର୍ଟାଲ୍‌ରେ ଆବେଦନ କରିବାର ସମୟସୀମା ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଆବେଦନ କରି ନ ଥିବା ଯୋଗ୍ୟ ହିତାଧିକାରୀଙ୍କପାଇଁ ଗତ ୨୪ ତାରିଖରୁ ଏହି ପୋର୍ଟାଲ୍ ପୁନର୍ବାର କାର୍ଯ୍ୟକ୍ଷମ ହୋଇଛି । ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।

*Desk*

## ପାଣିପାଗ

ରାଜ୍ୟରେ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ଶୁକ୍ରବାରଠାରୁ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଅପରପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ହେବା ନେଇ ଜଗତସିଂହପୁର ଓ ଭଦ୍ରକ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।